بِسۡمِ اللّٰہِ الرَّحۡمٰنِ الرَّحِیۡمِ

୩୦ ମଇ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ଆମମାନଙ୍କୁ ଖିଲାଫତ୍ ସହିତ ସଂଶ୍ଲିଷ୍ଟ ରହିବା ସହିତ ଖିଲାଫତ୍‌ର ବ୍ୟବସ୍ଥାକୁ ପ୍ରଚଳିତ ରଖିବା ସକାଶେ ପ୍ରତ୍ୟେକ ପ୍ରକାରର ବଳିଦାନ ପାଇଁ ପ୍ରସ୍ତୁତ ରହିବା ଉଚିତ୍ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସୁରାଃ ନୁର୍‌ର ଆୟତ୍

وَاَقۡسَمُوۡا بِاللّٰہِ جَہۡدَ اَیۡمَانِہِمۡ لَئِنۡ اَمَرۡتَہُمۡ لَیَخۡرُجُنَّ ؕ قُلۡ لَّا تُقۡسِمُوۡا ۚ طَاعَۃٌ مَّعۡرُوۡفَۃٌ ؕ اِنَّ اللّٰہَ خَبِیۡرٌۢ بِمَا تَعۡمَلُوۡنَ قُلۡ اَطِیۡعُوا اللّٰہَ وَاَطِیۡعُوا الرَّسُوۡلَ ۚ فَاِنۡ تَوَلَّوۡا فَاِنَّمَا عَلَیۡہِ مَا حُمِّلَ وَعَلَیۡکُمۡ مَّا حُمِّلۡتُمۡ ؕ وَاِنۡ تُطِیۡعُوۡہُ تَہۡتَدُوۡا ؕ وَمَا عَلَی الرَّسُوۡلِ اِلَّا الۡبَلٰغُ الۡمُبِیۡنُ

وَعَدَ اللّٰہُ الَّذِیۡنَ اٰمَنُوۡا مِنۡکُمۡ وَعَمِلُوا الصّٰلِحٰتِ لَیَسۡتَخۡلِفَنَّہُمۡ فِی الۡاَرۡضِ کَمَا اسۡتَخۡلَفَ الَّذِیۡنَ مِنۡ قَبۡلِہِمۡ ۪ وَلَیُمَکِّنَنَّ لَہُمۡ دِیۡنَہُمُ الَّذِی ارۡتَضٰی لَہُمۡ وَلَیُبَدِّلَنَّہُمۡ مِّنۡۢ بَعۡدِ خَوۡفِہِمۡ اَمۡنًا ؕ یَعۡبُدُوۡنَنِیۡ لَا یُشۡرِکُوۡنَ بِیۡ شَیۡئًا ؕ وَمَنۡ کَفَرَ بَعۡدَ ذٰلِکَ فَاُولٰٓئِکَ ہُمُ الۡفٰسِقُوۡنَ

وَاَقِیۡمُوا الصَّلٰوۃَ وَاٰتُوا الزَّکٰوۃَ وَاَطِیۡعُوا الرَّسُوۡلَ لَعَلَّکُمۡ تُرۡحَمُوۡنَ

ସଂଖ୍ୟା ୫୪ରୁ ୫୭ ପାଠ କରି କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ ଅହେମଦିୟାରେ ଖିଲାଫତ୍ ବ୍ୟବସ୍ଥାକୁ ୧୧୭ବର୍ଷ ଅତିବାହିତ ହୋଇଗଲାଣି । ୧୯୦୮ମସିହାରେ ଏହି (ଐଶୀ) ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା ଏବଂ ଅଲ୍ଲାଃତାଲାଙ୍କ ପ୍ରତିଶୃତି ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଭବିଷ୍ୟବାଣୀ ଅନୁଯାୟୀ ହିଁ ଏହା ପ୍ରଚଳିତ ହେଲା । ସୁତରାଂ ଏହା ଜମାଅତ ଅହେମଦିୟା ଉପରେ ଅଲ୍ଲାଃତାଲାଙ୍କର ଏକ ମହାନ ଅନୁଗ୍ରହ ଯେ ଆମେମାନେ ଏକ ଏପରି ବ୍ୟବସ୍ଥାର ଅଂଶ ବିଶେଷ, ଯାହାର ସୁସମାଚାର ପରାକ୍ରମୀ ଅଲ୍ଲାଃ ପ୍ରଦାନ କରିଛନ୍ତି । ଆଉ ତାହା ଏହିକି ଯେ, ମସିହ ଓ ମେହଦୀଙ୍କ ଆଗମନ ପରେ ଏକ ଏପରି ଅଧ୍ୟାୟ ଆରମ୍ଭ ହେବ ଯାହାକି ଇସଲାମର ପୁନଃସ୍ଥାପନର ଅବଧି । ପୁନଶ୍ଚ ଏହି ପର୍ଯ୍ୟାୟରେ ଖିଲାଫତ୍‌ର ବ୍ୟବସ୍ଥା ମଧ୍ୟ ଆରମ୍ଭ ହେବ । ଯାହା ସଂକ୍ରାନ୍ତରେ ପୁଣ୍ୟଶ୍ଲୋକ ହଜରତ ମୁହମ୍ମଦ[ସ.ଅ] ବେଶ୍ ସ୍ପଷ୍ଟ ରୂପେ ଭବିଷ୍ୟତ ବାଣୀ କରିଥିଲେ ଯେ, ତୁମମାନଙ୍କ ମଧ୍ୟରେ ଅବତାରତ୍ୱ ସେପର୍ଯ୍ୟନ୍ତ ଜାରି ରହିବ ଯେପର୍ଯ୍ୟନ୍ତ ଈଶ୍ୱର ଚାହିଁବେ । ତହୁଁ ପରେ ସେ ତାହାକୁ ଉଠାଇ ନେବେ ଏବଂ ସେହି ମାର୍ଗରେ ଖିଲାଫତ୍‌ର ବ୍ୟବସ୍ଥା ଆରମ୍ଭ ହୋଇଯିବ । ତା'ପରେ ପରମେଶ୍ୱର ଯେବେ ଚାହିଁବେ ସେହି ଅନୁଗ୍ରହକୁ ମଧ୍ୟ ବନ୍ଦ କରିଦେବେ । ପୁନଶ୍ଚ ତାଙ୍କ ଧାର୍ଯ୍ୟ ବିଧାନ ଅନ୍ତର୍ଗତ ଶୋଷଣକାରୀ ରାଜତନ୍ତ୍ରର କାଳ ଆରମ୍ଭ ହେବ । ଯେତେବେଳେ ଏହି ପର୍ଯ୍ୟାୟ ଶେଷ ହେବ ସେତେବେଳେ ତା'ଠାରୁ ବଳି ମଧ୍ୟ ଅତ୍ୟାଚାର ପୂର୍ଣ୍ଣ ରାଜତ୍ୱୀ ପ୍ରଚଳିତ ରହିବ ଯେପର୍ଯ୍ୟନ୍ତ ଈଶ୍ୱର ଚାହିଁବେ । ତା'ପରେ ପରମେଶ୍ୱର ସେଥିରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପକାଇ ଦେବେ । ସେଥିଅନ୍ତେ ଦୟାମୟ ପ୍ରଭୁ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳନ କରିଦେବେ ଏବଂ ଏହା କହିବା ପରେ ମହାଭାଗ ନିରବ ହୋଇଗଲେ । ସୁତରାଂ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କର ଏହି ଭବିଷ୍ୟତ ବାଣୀ ଅନ୍ତର୍ଗତ ଅଲ୍ଲାଃଙ୍କ କୃପାରୁ ହଜରତ ମସିହ ମଉଦ [ଅ.ସ]ଙ୍କର ଆବିର୍ଭାବ ହେଲା । ଆଉ ତାହା ସହିତ ଇସଲାମର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା ଏବଂ ହୁଜୁର [ଅ.ସ]ଙ୍କ ଦେହାନ୍ତ ପରେ ଖିଲାଫତ୍‌ର ବ୍ୟବସ୍ଥା ଆରମ୍ଭ ହୋଇଗଲା ।

ମହାମହିମ ହୁଜୁର ଅନୱ୍ୱର[ଅ.ବ] ଉପର ଆଲୋଚ୍ୟ ଆୟତର ଅନୁବାଦ ଉପସ୍ଥାପନ କରିବା ପରେ କହିଲେ; ଏହି ଆୟତ୍‌ରେ ସ୍ପଷ୍ଟ ଭାବରେ ଦର୍ଶାଇ ଦିଆଯାଇଛି ଯେ, ଅଲ୍ଲାଃତାଲା ମୁସଲମାନମାନଙ୍କ ସହିତ ଅଙ୍ଗୀକାର କରିଛନ୍ତି, ତୁମ୍ଭମାନଙ୍କ ମଧ୍ୟରେ ଖିଲାଫତ୍ ବ୍ୟବସ୍ଥା ପ୍ରଚଳିତ ହେବ । ଯଦିଚ ପ୍ରଥମ ପର୍ଯ୍ୟାୟର ଖିଲାଫତ୍ ବ୍ୟବସ୍ଥା ମାତ୍ର ୩୦ବର୍ଷ ପର୍ଯ୍ୟନ୍ତ ରହିଥିଲା, କିନ୍ତୁ ସେହି କାଳ ପାଇଁ ସେହି ସ୍ୱଳ୍ପ ଅବଧି ନିର୍ଦ୍ଧାରିତ ନଥିଲା । ବରଂ ଏହା ଏକ ପୂର୍ଣ୍ଣ ପ୍ରତିଶ୍ରୁତି ଥିଲା ଏବଂ ଏହାର ବ୍ୟାଖ୍ୟା ହୁଜୁର[ସ.ଅ] ମଧ୍ୟ କରିଦେଲେ । ଅତଃ ଏହି କଥାକୁ ଆମ ଅହେମଦିମାନଙ୍କୁ ସ୍ମରଣ ରଖିବା ଉଚିତ୍ ଯେ, ଆମେମାନେ ହଜରତ ମସିହ ମଉଦ [ଅ.ସ]ଙ୍କୁ ସ୍ୱୀକାର କରି ଅଲ୍ଲାଃତାଲାଙ୍କ ଆଦେଶ ପାଳନ କରିବାର ଶପଥ କରିଛେ । କିନ୍ତୁ ଏଥିପାଇଁ ମଧ୍ୟ ସର୍ତ୍ତାବଳୀ ନିର୍ଦ୍ଧାରିତ ରହିଛି । ଅତଏବ ସେହି ସର୍ତ୍ତାବଳୀକୁ ପୂରଣ କରିବା ଆମମାନଙ୍କ ନିମନ୍ତେ ବିଧେୟ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଅତଃ ହେ ପ୍ରିୟଜନମାନେ! ଯେତେବେଳେ କି ଏହା ଅଲ୍ଲାଃତାଲାଙ୍କ ଚିରାଚରିତ ପରମ୍ପରା ଯେ, ସେ ଦୁଇଟି ନିଦର୍ଶନ ଦେଖାଇଥାନ୍ତି, ଯଦ୍ଦ୍ୱାରା ବିରୋଧୀଙ୍କର ଦୁଇଟି ମିଥ୍ୟା ଉଲ୍ଲାସକୁ ମାଟିରେ ମିଶାଇ ଦେବେ.. ମୁଁ ପରମେଶ୍ୱରଙ୍କ ନିକଟରୁ ଏକ ନିଦର୍ଶନ ସ୍ୱରୂପ ପ୍ରକଟିତ ଏବଂ ମୁଁ ସେହି ମହାପ୍ରତାପୀ ଅଲ୍ଲାଃଙ୍କର ଏକ ସାକ୍ଷାତ ନିଦର୍ଶନ ଏବଂ ମୋ ଅନ୍ତେ ଆଉ କେତେକ (ପ୍ରଭୁଙ୍କର ପ୍ରିୟଜନ) ଆଗମନ କରିବେ । ଯେଉଁମାନେ ଦ୍ୱିତୀୟ ନିଦର୍ଶନର ଦୃଷ୍ଟାନ୍ତ ହେବେ । ସୁତରାଂ ତୁମେମାନେ ସେହି ଦ୍ୱିତୀୟ ନିଦର୍ଶନର ପ୍ରତିକ୍ଷାରେ ଏକତ୍ରୀତ ହୋଇ ଦୁଆ କର । ଆଉ ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ପୁଣ୍ୟବାନ ଜମାଅତ ଏକତ୍ରୀତ ହୋଇ ଦୁଆ କରିବାରେ ମାତିଯିବା ଉଚିତ୍ । ଯଦ୍ଦ୍ୱାରା ସେହି ଦ୍ୱିତୀୟ ନିଦର୍ଶନ ଆକାଶ ମାର୍ଗରୁ ଅବତୀର୍ଣ୍ଣ ହେବ । ଯେତେବେଳେ ହୁଜୁର [ଅ.ସ]ଙ୍କ ପବିତ୍ର ମୁଖରୁ ଏହି ମହତବାଣୀ ଅବତୀର୍ଣ୍ଣ ହୋଇଥିଲା ସେତେବେଳେ ଭାରତ ବର୍ଷରେ ଜମାଅତ ଅହେମଦିୟା ରହିଥିଲା ଓ ଦେଶ ବାହାରେ ସ୍ୱଳ୍ପ ଲୋକ ବସବାସ କରୁଥିଲେ । ତଥାପି ହୁଜୁର [ଅ.ସ]ଙ୍କର ଏହି ଭବିଷ୍ୟବାଣୀ କରିଥିଲେ ଯେ, ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ପୁଣ୍ୟବାନ ବ୍ୟକ୍ତି ଏହି ଦୁଆ କରନ୍ତୁ । ଯେପରିକି ଆସନ୍ତାରେ ଏପରି ଏକ ଯୁଗ ଆସିବ ଯେତେବେଳେ ପ୍ରତ୍ୟେକ ସ୍ଥାନରେ ଜମାଅତ ଅହେମଦିୟା ପରିବ୍ୟାପ୍ତ ହୋଇଯିବ । ଆଜି ଆମେ ସେହି କାଳ ଅବଲୋକନ କରୁଅଛେ ଯେ, ସମଗ୍ର ବିଶ୍ୱରେ ଜମାଅତ ଅହେମଦିୟା ପରିବ୍ୟାପ୍ତ । ପ୍ରତ୍ୟେକ ସ୍ଥାନରେ ଖିଲାଫତ୍ ସହିତ ବିଶ୍ୱସ୍ତତା, ଅନୁରାଗ ଓ ପ୍ରେମ ପୂର୍ଣ୍ଣ ସମ୍ପର୍କ ଦୃଶ୍ୟମାନ ହେଉଅଛି ଏବଂ ଆସନ୍ତାରେ ସର୍ବଦା ଏଥି ମୁତାବକ ଅଲ୍ଲାଃତାଲା ନିଜ କରୁଣା ଓ କୃପାଶିଷ ଦ୍ୱାରା ବିଭୂଷିତ କରିଚାଲିବେ । କାରଣ ଏହା ଅଲ୍ଲାଃଙ୍କର ଅଙ୍ଗୀକାର । ସୁତରାଂ ଆମମାନଙ୍କୁ ଆବଶ୍ୟକ ଯେ, ଆମ୍ଭେ ଖିଲାଫତ୍ ସହିତ ଜଡ଼ିତ ରହିବା ଏବଂ ଖିଲାଫତ୍ ବ୍ୟବସ୍ଥାକୁ ପ୍ରତିଷ୍ଠିତ ରଖିବା ସକାଶେ ସମସ୍ତ ପ୍ରକାରର ବଳିଦାନ ପାଇଁ ପ୍ରସ୍ତୁତ ରହିବା ।

କେତେକ ଲୋକ ମନେକରନ୍ତି ଯେ, (ଆସନ୍ତାରେ) ଜମାଅତ ଅହେମଦିୟାର ଖିଲାଫତ୍ ବ୍ୟବସ୍ଥା ମଧ୍ୟ ପ୍ରଶାସନିକ ଆକାରରେ ପରିବର୍ତ୍ତନ ହୋଇଯିବ, ଏହାର ହଜରତ ମୁସଲେହ୍ ମଉଦ[ର.ଅ] ବେଶ ଦୃଢ଼ ଉକ୍ତିରେ ଖଣ୍ଡନ କରି କହିଲେ; **ମନେରଖ ଜମାଅତ ଅହେମଦିୟାରେ କଦାପି ରାଜତନ୍ତ୍ର ପ୍ରଚଳିତ ହେବ ନାହିଁ, ଯେପର୍ଯ୍ୟନ୍ତ ଆଧ୍ୟାତ୍ମିକତା ଓ ଧର୍ମନିଷ୍ଠତା ଅବ୍ୟାହତ ରହିଥିବ ।** ଇନ୍‌ଶାଅଲ୍ଲାଃ । ଖିଲାଫତ୍‌ର ଆଧ୍ୟାତ୍ମିକ ବ୍ୟବସ୍ଥା ଅଲ୍ଲାଃତାଲାଙ୍କ କୃପାରୁ ଜାରି ରହିଛି, ଯାହାକି ଅଲ୍ଲାଃଙ୍କ ଇଚ୍ଛାନୁଯାୟୀ ପ୍ରଚଳିତ ଏବଂ ଏହିପରି ଅବ୍ୟାହତ ରହିଥିବ । ଉପସ୍ଥିତ ଖଲିଫା ତ ଅନ୍ଧାର ରାତିରେ ଉଠି ଜମାଅତର ସଦସ୍ୟବୃନ୍ଦଙ୍କ ପାଇଁ ଦୁଆ କରିଥାନ୍ତି, କ'ଣ କୌଣସି ରାଜା ଓ ସମ୍ରାଟ ଅଛନ୍ତି ଯେ ଏପରି କରୁଥିବେ । ସୁତରାଂ ଯଦି ଏହି କଥାକୁ ଆମେ ସ୍ମରଣ ରଖିବା ଏବଂ ଏଥି ଅନୁଯାୟୀ କାର୍ଯ୍ୟ କରିବା ତେବେଯାଇ ଆମେ କୃତକାର୍ଯ୍ୟ ହୋଇପାରିବା । ଖିଲାଫତ୍ ଏକ ଏପରି ବ୍ୟବସ୍ଥା ଯେ, ଅଲ୍ଲାଃତାଲା ସ୍ୱୟଂ (ଲୋକମାନଙ୍କ) ହୃଦୟକୁ ପରିବର୍ତ୍ତନ କରି ଦିଅନ୍ତି, ଏହା ହିଁ ଐଶୀ ସମର୍ଥନ । ଆଉ ପ୍ରତ୍ୟେକ ଖିଲାଫତ୍ କାଳରେ ଆମେ ଏହା ଦେଖି ଆସୁଛୁ । ଆଜି ଆପଣମାନେ ଦେଖିନିଅନ୍ତୁ ଯେ, ଜମାଅତ ଅହେମଦିୟାରେ ହିଁ ଏକ ସୁବ୍ୟବସ୍ଥା ପ୍ରଚଳିତ ରହିଛି । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ ଓ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରହିବା ଯୋଗୁଁ ସଦସ୍ୟବୃନ୍ଦଙ୍କ ଉପରେ ଅଲ୍ଲାଃତାଲାଙ୍କର ଅଶେଷ

ଦୟା ଓ ଅନୁକମ୍ପା ହୋଇଥାଏ । ଏକଥା ଠିକ୍ ଯେ, ଶତ୍ରୁ ପକ୍ଷରୁ ଜମାଅତ ଅହେମଦିୟା ଉପରେ ଅନେକ ଅନ୍ୟାୟ ଓ ଅତ୍ୟାଚାର ଅବ୍ୟାହତ ରହିଛି । ବିଶେଷ କରି ପାକିସ୍ତାନ ଓ ଅନ୍ୟ ଦେଶମାନଙ୍କରେ କିନ୍ତୁ ଈଶ୍ୱରଙ୍କ କୃପାରୁ ସମସ୍ତ ଅହେମଦିମାନେ ନିଜ ବିଶ୍ୱାସରେ ପ୍ରତିଷ୍ଠିତ । ଏହା ସତ୍ତ୍ୱେ ଯେ, ଏହି ଦୁଃଖକଷ୍ଟ ଓ ନିର୍ଯ୍ୟାତନା ଆମମାନଙ୍କୁ ଆମ ଧର୍ମରୁ ବିମୁଖ କରିପାରିବ ନାହିଁ । ଏହା ପ୍ରତିବଦଳରେ ଅଲ୍ଲାଃତାଲା ଆମ ଓ ଆମ ସନ୍ତାନମାନଙ୍କ ଉପରେ ଯେଉଁ ପୁରସ୍କାର ପ୍ରଦାନ କରୁଛନ୍ତି, ତାହା ଅପରିମିତ ଓ ଅତୁଳନୀୟ ।

ସୁତରାଂ ଯଦି ଆମମାନଙ୍କୁ ପ୍ରକୃତ କୃପା ଲାଭ କରିବାର ଅଛି ତେବେ ତାହା ଖିଲାଫତ୍‌ର ଆଶିଷରୁ ହିଁ ଲାଭ ହେବ ଏବଂ ଯଦି ଆମ୍ଭମାନଙ୍କୁ ଅଲ୍ଲାଃତାଲାଙ୍କର ଅପାର ଦୟାର ଉତ୍ତରାଧିକାରୀ ହେବାର ଅଛି ତେବେ ଆମକୁ ସମସ୍ତ ପ୍ରକାରର ଶିରକ୍, ଗର୍ବ ଓ ଅହଂକାରକୁ ନିଜକୁ ମୁକ୍ତ କରିବାକୁ ହେବ, ନିଜକୁ ପବିତ୍ର ରଖିବାକୁ ହେବ । ପୁନଶ୍ଚ ଅଲ୍ଲାଃତାଲା କହିଲେ; ଏମାନେ ଏପରି ଲୋକ ଯେ ନିୟମିତ ରୂପେ ନମାଜ ପାଠ କରିଥାନ୍ତି, ଜକାତ୍ ଦାନ କରିଥାନ୍ତି । ପ୍ରତ୍ୟେକ ଅହେମଦିଙ୍କୁ ଅଲ୍ଲାଃତାଲାଙ୍କ ଆଦେଶ ସର୍ବଦା ସ୍ମରଣ ରଖିବା ଉଚିତ୍ । ପ୍ରତ୍ୟେକ ଅହେମଦି ଯେ ନିଜକୁ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରଖିଥାଏ ଓ ରଖିବାକୁ ଚେଷ୍ଟା କରେ ଏବଂ ସେଥିରୁ ଉପକୃତ ହେବାକୁ ଚାହୁଁଛି ତେବେ ତାହାକୁ ଏକଥା ନିଜ ସମ୍ମୁଖରେ ରଖିବାକୁ ହେବ ଯେ, ଆମେମାନେ ନିୟମିତ ରୂପେ ନମାଜ ପାଠ କରିବା ପ୍ରତି ମନୋଯୋଗ କରିବା ।

ହଜରତ ମୁସଲେହ୍ ମଉଦ[ର.ଅ] ନିୟମିତ ରୂପେ ନମାଜ ପାଠ କରିବାର ବ୍ୟାଖ୍ୟା କରି ଗୋଟିଏ ସ୍ଥାନରେ କୁହନ୍ତି; ସଲାତ୍‌ର ସର୍ବୋତ୍ତମ ଅଂଶ ହେଉଛି ଜୁମା । ଯେଉଁ ନମାଜରେ ଇମାମ୍ ସାହେବ ଖୁତ୍‌ବାରେ (ଲୋକମାନଙ୍କୁ) ଉପଦେଶ ଦେଇଥାନ୍ତି ଏବଂ ଯେଉଁଥିରେ ଜାତୀୟ ଏକତା ଓ ସଂହତି ଉତ୍ପନ୍ନ ହୋଇଥାଏ । ସମସ୍ତଙ୍କ କିବ୍‌ଲା (ମୁଖ) ଗୋଟିଏ ଦିଗକୁ ରହିଥାଏ । ଆଜିକାଲି ମୁଁ ଇସଲାମୀୟ ଇତିହାସ ସଂକ୍ରାନ୍ତରେ ଆଲୋଚନା କରୁଅଛି । ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀ ପ୍ରସଙ୍ଗରେ ଚର୍ଚ୍ଚା କରୁଅଛି । ସେଥିରେ ମଧ୍ୟ ଅନେକ ଏପରି କଥା ଆସି ଯାଇଥାଏ, ଯାହାକି ଆମମାନଙ୍କ ପାଇଁ ଶିକ୍ଷଣୀୟ ଏବଂ ଲୋକମାନେ ସେଥିରୁ ଖୁବ୍ ଉପକୃତ ମଧ୍ୟ ହେଉଛନ୍ତି । **ଏତଦ୍ ବ୍ୟତୀତ ସେମାନେ ଇସଲାମୀୟ ଇତିହାସ ସଂକ୍ରାନ୍ତରେ ଅବଗତ ମଧ୍ୟ ହେଉଛନ୍ତି ।** ଅତଃ ଏହି ଖିଲାଫତ୍ ହିଁ ସେହି ମାଧ୍ୟମ ଯାହାକି ସର୍ବଶକ୍ତିମାନ ଅଲ୍ଲାଃ ଆମମାନଙ୍କ ମଧ୍ୟରେ ପ୍ରଚଳିତ କରି ଦେଇଛନ୍ତି । ଯଦ୍ୱାରା ଜମାଅତରେ ଏକ ଏକତା ସୃଷ୍ଟି ହୋଇଯାଇଛି ଏବଂ ବିଶ୍ୱର ୨୧୫ଗୋଟି ଦେଶରେ ବସବାସ କରୁଥିବା ପ୍ରତ୍ୟେକ ଅହେମଦି ଏକ ହୋଇ ଗୋଟିଏ ବ୍ୟବସ୍ଥାରେ ଯୋଡ଼ି ରହିଛନ୍ତି । ଆଉ ନିଜ ନିଜର ସଂଶୋଧନ କରିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ଜକାତ୍ ଦାନ କରିବାକୁ ଆଦେଶ ଦେଇଛନ୍ତି । ଏହା ମଧ୍ୟ ନିଜ ଧନକୁ ପବିତ୍ର କରିବା ନିମନ୍ତେ ଜରୁରୀ, ଏଥିରେ ବାକି ଅର୍ଥଦାନ କରିବା ମଧ୍ୟ ଅନ୍ତର୍ଭୁକ୍ତ । ସମ୍ପ୍ରତି ଆମେମାନେ ଦେଖୁଅଛେ ଯେ, କେବଳ ଜମାଅତ ଅହେମଦିୟାରେ ହିଁ ଏହି ଅର୍ଥଦାନ ବ୍ୟବସ୍ଥା ବେଶ ସୁନ୍ଦର ଓ ବିଧିବଦ୍ଧ ଭାବରେ ଜାରି ରହିଛି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; କେତେକ ସ୍ଥାନରେ ଏପରି ଅବସ୍ଥା ରହିଛି, ଯେଉଁଥି ପାଇଁ କଠୋରତା ମଧ୍ୟ କରାଯାଇଛି । କିନ୍ତୁ ଅହେମଦିମାନେ ଏସମସ୍ତ ସମସ୍ୟା ଓ ବିପତ୍ତିକୁ ଦେଖିବା ପରେ ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କରିଥାନ୍ତି ଯେ, ଆମମାନଙ୍କ ମଧ୍ୟରେ ଖିଲାଫତ୍ ବ୍ୟବସ୍ଥା ଜାରି ରହିଛି । ଯେ ଆମକୁ ଅଶ୍ୱାସନା ମଧ୍ୟ ଦେଇଥାନ୍ତି ଏବଂ ଆମ ଆବଶ୍ୟକତାକୁ ପୂରଣ କରିବାକୁ ମଧ୍ୟ ଚେଷ୍ଟା କରିଥାନ୍ତି । ହଜରତ ମସିହ ମଉଦ[ଅ.ସ] କହିଲେ; ଜଗତରେ ଅନେକ ଅଘଟଣ ଘଟିବ । କେତେକ ତ ପ୍ରାକୃତିକ ବିପର୍ଯ୍ୟୟ ଓ ଆଉ କେତେକ ମନୁଷ୍ୟର ନିଜସ୍ୱ ତ୍ରୁଟୀ ଯୋଗୁଁ ସଙ୍ଘଟିତ ହେବ । ଯଦି ଏହି ଲୋକମାନେ ଏବେ ମଧ୍ୟ ପରାକ୍ରମୀ ଅଲ୍ଲାଃଙ୍କ ଆଡ଼କୁ ଆନତ ନହୁଅନ୍ତି ତେବେ ସଂସାରରେ ଏକ ମହାପ୍ରଳୟ ଆସିବ ଯାହାର ହଜରତ ମସିହ ମଉଦ[ଅ.ସ] ଅନେକ ଥର ସୂଚନା ଦେଇଛନ୍ତି । **ସୁତରାଂ ଖିଲାଫତ୍ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ ରହିଥିବା ଲୋକମାନଙ୍କର କର୍ତ୍ତବ୍ୟ ଯେ, ସେମାନେ ଏଥିପ୍ରତି ମନୋଯୋଗ କରନ୍ତୁ ଯେ, ଆମ୍ଭମାନଙ୍କୁ ସଂସାରକୁ ଏହି ଧ୍ୱଂସ ମୁଖରୁ ଉଦ୍ଧାର କରିବାର ଅଛି ।** ପୁନଶ୍ଚ ଏଥି ସକାଶେ ସଂସାରକୁ ଅଲ୍ଲାଃତାଲାଙ୍କ ଆଡ଼କୁ ଆଣିବାକୁ ପୂର୍ଣ୍ଣ ପ୍ରଚେଷ୍ଟା କରନ୍ତୁ ଏବଂ (ଇସଲାମର) ସନ୍ଦେଶ ପହଞ୍ଚାଇବା ନିମନ୍ତେ ନିଜର ସମସ୍ତ ସାମର୍ଥ୍ୟ ଓ ସାଧନ ବିନିଯୋଗ କରନ୍ତୁ । ଆଉ ଏଥିପାଇଁ ନିଜର ଧନ, ଜୀବନ ଓ ସମୟ ବଳିଦାନ କରିବା ସକାଶେ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ

ରୁହନ୍ତୁ । ଏପରି ନିଜର ସମ୍ପର୍କ ପରମେଶ୍ୱରଙ୍କ ସହିତ ସୁଦୃଢ଼ କରିବା ସହିତ ପ୍ରତ୍ୟେକ ଅହେମଦି ତାଙ୍କ କୃପାର ଅଧିକାରୀ ହୁଅନ୍ତୁ ଏବଂ ଏପରି ନିଜ ସନ୍ତାନ ସନ୍ତତିଙ୍କୁ ମଧ୍ୟ ବିପତ୍ତିରୁ ଉଦ୍ଧାର କରନ୍ତୁ । କାରଣ ଏହି ବିପତ୍ତି ଓ ଅପୂରଣୀୟ କ୍ଷତି ଏପରି ଗମ୍ଭୀର ରୂପ ଧାରଣ କରି ଚାଲିଛି । ଜଣା ନାହିଁ ଆସନ୍ତାରେ ତାହା କିପରି ସଙ୍ଗୀନ ରୂପ ନେବ, ଯାହାର ମନୁଷ୍ୟ ଆକଳନ ମଧ୍ୟ କରିପାରିବ ନାହିଁ । ସୁତରାଂ ସର୍ବଦା ସ୍ମରଣ ରଖନ୍ତୁ ଯେ, ଖିଲାଫତ୍ ଅହେମଦିୟା ସହିତ ଜଡିତ ରହିବା ଦ୍ୱାରା ହିଁ ଜଗତର ଉଦ୍ଧାର ହୋଇପାରିବ ।

ହଜରତ ମସିହ ମଉଦ[ଅ.ସ] ନିଜର ଏକ ସନ୍ଦର୍ଭରେ କୁହନ୍ତି; ଅଲ୍ଲାଃତାଲା ଏହି ବିନୀତ ସହିତ ଅଙ୍ଗୀକାର କରିଛନ୍ତି ଯେ, ଏହି ଜଗତର ଅନ୍ତ ଘଟିବ ନାହିଁ, ଯେପର୍ଯ୍ୟନ୍ତ କି ସେ ମୋ ସହିତ କରିଥିବା ଅଙ୍ଗୀକାରଗୁଡ଼ିକ ପୂରଣ କରି ନାହାନ୍ତି । କିଛି ମୋର ଜୀବନ କାଳ ମଧ୍ୟରେ ଆଉ କିଛି ମୋ ଅନ୍ତେ (ନିଶ୍ଚୟ) ପୂରଣ ହେବ । **ସୁତରାଂ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ଯେ, ପରମେଶ୍ୱରଙ୍କ ଗୌରବ ଓ ଗରିମାକୁ ନିଜ ହୃଦୟରେ ସ୍ଥାନ ଦେବା ଏବଂ ବ୍ୟବହାରିକ କ୍ଷେତ୍ରରେ ତାଙ୍କ ଏକେଶ୍ୱରବାଦର ପରିପ୍ରକାଶ କରି ପୂର୍ଣ୍ଣ ଆଜ୍ଞାକାରୀତାର ନମୁନା ପ୍ରଦର୍ଶନ କରିବା ।** ଆଉ ବିଶ୍ୱାସରେ ଉନ୍ନତି କରିଚାଲିବା, ଅଲ୍ଲାଃତାଲା ଏଥିପାଇଁ ଆମମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଖିଲାଫତ୍ ଅହେମଦିୟାକୁ ସୁଦୃଢ଼ କରିବା ସକାଶେ ସମସ୍ତ ପ୍ରକାରର ବଳିଦାନ ଦେବାକୁ ପ୍ରସ୍ତୁତ ରୁହନ୍ତୁ । ଆମେ ଯେଉଁ ପ୍ରତିଜ୍ଞା କରିଛେ ତାହାକୁ ଆମେ ପୂରଣକାରୀ ସାବ୍ୟସ୍ତ ହେଉ ଏବଂ ଆମେମାନେ ଏହା ଅବଲୋକନ କରିନେଉ ଯେ, ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଧ୍ୱଜା ସମଗ୍ର ଜଗତରେ ଲହରାଉ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଆନୁଗତ୍ୟ ସ୍ୱୀକାର କରିବାକୁ ଦଳ ଦଳ ହୋଇ ଲୋକେ ମାଡ଼ି ଆସୁଛନ୍ତି ଏବଂ ଅଲ୍ଲାଃତାଲାଙ୍କର ପୂର୍ଣ୍ଣ ଆଜ୍ଞାକାରୀମାନଙ୍କ ମଧ୍ୟରେ ସାମିଲ ହେବାକୁ ଚେଷ୍ଟା କରୁଛନ୍ତି । ସେହିଦିନ ହିଁ ଆମମାନଙ୍କ ସକାଶେ ମଙ୍ଗଳମୟ ଦିବସ ସିଦ୍ଧ ହେବ ଯେତେବେଳେ ଆମେମାନେ କହିପାରିବା ଯେ, ଐଶ୍ୱର୍ଯ୍ୟମୟ ଅଲ୍ଲାଃ ଖିଲାଫତ୍‌ର ଯେଉଁ ପ୍ରତିଶୃତି ଦେଇଥିଲେ ସେଥିରୁ ଆଜି ଆମେ ଉପକୃତ ହେଉଅଛୁ । ଆଉ ସେହିଦିନ ହିଁ ସଂସାରରକୁ ଧ୍ୱଂସ ମୁଖରୁ ଉଦ୍ଧାର କରିବାର ଦିନ ହେବ । ଅଲ୍ଲାଃତାଲା ଆମମାନଙ୍କୁ ନିଜର ସୁଧାର କରିବାକୁ ଓ ତାଙ୍କ ସନ୍ଦେଶ ଜଗତବାସୀଙ୍କ ନିକଟରେ ପହଞ୍ଚାଇବାକୁ ଶକ୍ତି ପ୍ରଦାନ କରନ୍ତୁ ।

ପରିଶେଷରେ ମହାମହିମ ହୁଜୁର ଅନୱ୍ୱର[ଅ.ବ] ଶ୍ରୀମାନ କର୍ନଲ୍ ଡ଼ାଃ ପୀର୍ ମୁହମ୍ମଦ ମୁନୀର୍ ସାହେବ ପୂର୍ବତନ ଆଡ଼ମିନିଷ୍ଟ୍ରେଟର୍ ଫଜ୍‌ଲେ ଉମର୍ ଚିକିତ୍ସାଳୟ ରବୱ୍ୱା ଏବଂ ଶ୍ରୀମତୀ ସଲିମା ଜାହିଦ୍ ସାହେବା ପତ୍ନୀ ଶ୍ରୀମାନ ସମିଉଲ୍ଲାଃ ଜାହିଦ୍ ସାହେବ ମୁରବ୍ବୀ ସିଲସିଲା କାନାଡ଼ାଙ୍କର ନମାଜ ଜନାଯାଃ ପାଠ କରିବାର ଘୋଷଣା କଲେ । ଆଉ ସେମାନଙ୍କ ନିମନ୍ତେ କ୍ଷମା ଯାଚନା କରି ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ଲ୍ ଇହ୍‌ସାନି ୱ୍ଇତାଇଜିଲ କୁର୍‌ବା ୱ୍ୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ଲ୍ ମୁନ୍‌କରି ୱ୍ଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉସ୍‌କୁରୁଲ୍ଲାହା ୟସ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲସିକ୍‌ରୁଲ୍ଲାହି ଅକ୍‌ବର୍ ।

ଋଋଋ ଋଋଋ ଋଋଋ ଋଋଋ

Khulasa Khutba Juma Huzoor Anwar a.b.a

30th May 2025

*Translated to Odia by :* Moulavi Anwar Ahmad Khan